# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th March – 2026

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆବଶ୍ୟକ ପରିମାଣର ପେଟ୍ରୋଲ୍ ଓ ଡିଜେଲ୍ ମହଜୁଦ ରହିଥିବା ନେଇ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ସୂଚନା ।
- ଭୁବନେଶ୍ୱରସ୍ଥିତ ରାଜ୍ୟ ବି.ଜେ.ପି. କାର୍ଯ୍ୟାଳୟରେ ଏସ୍.ଆଇ.ଆର୍. ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ।
- ସାଇବର ଅପରାଧକୁ ହ୍ରାସ କରିବାପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ ସଚେତନତା କାର୍ଯ୍ୟକ୍ରମ ।

ଏବଂ

- ପୁରୀରେ ଓଡିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ଚାଲିଥିବା ରଥଯାତ୍ରା ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

***Desk***

# ଏଲ୍.ପି.ଜି.

ଦେଶରେ ଯଥେଷ୍ଟ ପରିମାଣର ପେଟ୍ରୋଲ, ଡିଜେଲ, ଜାଳେଣି ଗ୍ୟାସ ଏବଂ ଅଶୋଧିତ ତୈଳ ମହଜୁଦ ଅଛି। ଜନସାଧାରଣ ଭୟଭୀତ ହୋଇ ଜାଳେଣି ଗ୍ୟାସ ବୁକିଂ କରିବାର କୌଣସି ଆବଶ୍ୟକ ନାହିଁ ବୋଲି ବିଭାଗୀୟ ଯୁଗ୍ମ ସଚିବ ସୁଜାତା ଶର୍ମା ପରାମର୍ଶ ଦେଇଛନ୍ତି। ବାଣିଜ୍ୟିକ ସିଲିଣ୍ଡରଗୁଡ଼ିକ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଗ୍ୟାସ୍ ଯୋଗାଣରେ କଳାବଜାରୀକୁ ରୋକିବା ପାଇଁ ରାଜ୍ୟ ସରକାର ଗୁଡ଼ିକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ  ଚଢ଼ାଉ କରାଯାଉଛି ବୋଲି ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି। ସହରାଞ୍ଚଳରେ ଗୋଟିଏ ଗ୍ୟାସ ବୁକିଂର ୨୫ ଦିନ ପରେ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପରେ ଗ୍ୟାସ ବୁକିଂ କରାଯାଇପାରିବ ବୋଲି ସେ କହିଛନ୍ତି।

ପଶ୍ଚିମ ଏସିଆରେ ସଂଘର୍ଷ ପରିସ୍ଥିତି ଆରମ୍ଭ ହେବା ଦିନଠାରୁ ଆଜି ସୁଦ୍ଧା ପ୍ରାୟ ୧ ଲକ୍ଷ ୭୨ ହଜାର ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ନେଇ ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅସିମ ମହାଜନ କହିଛନ୍ତି । ପଶ୍ଚିମ ଏସିଆର ଓମାନ, ସାଉଦିଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ କତାର'ରୁ ଭାରତକୁ ସିଧାସଳଖ ବିମାନ ଚଳାଚଳ କରୁଛି ।

ଜାଳେଣି ଗ୍ୟାସ ବହନ କରିଥିବା ଦୁଇଟି ଜାହାଜ ଆଜି ସକାଳେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ଯାତ୍ରା କରୁଛି ବୋଲି ବନ୍ଦର ଏବଂ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି। ନୂଆଦିଲ୍ଲୀରେ ଆନ୍ତଃମନ୍ତ୍ରିସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଏ

ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିହ୍ନା କହିଛନ୍ତି, ଭାରତୀୟ ଜାହାଜ ଶିବାଲିକ ଏବଂ ନନ୍ଦାଦେବୀ ୯୨ ହଜାର ୭୦୦ ମେଟ୍ରିକ ଟନ୍ ଜାଳେଣି ଗ୍ୟାସ ବହନ କରୁଛନ୍ତି। ଜାହାଜ ଦୁଇଟି ଆସନ୍ତା ୧୬ ଏବଂ ୧୭ ତାରିଖରେ ଭାରତର ମୁନ୍ଦ୍ରା ଏବଂ କାନ୍ଦଲା ବନ୍ଦରରେ ପହଞ୍ଚିବାର ଆଶା କରାଯାଉଛି ।

***Desk***

# ରାଜ୍ୟସଭା ନିର୍ବାଚନ - ମକ୍‌ପୋଲିଂ

ଭୁବନେଶ୍ୱରସ୍ଥିତ ରାଜ୍ୟ ବି.ଜେ.ପି. କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟରେ ଆସନ୍ତାମାସରେ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ଏବଂ ରାଜ୍ୟସଭା ଭୋଟ୍‌ଗ୍ରହଣକୁ ନେଇ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବି.ଜେ.ପି. ରାଜ୍ୟ ସଭାପତି ମନମୋହନ ସାମଲ୍‌ଙ୍କ ସମେତ ବହୁ ବିଧାୟକ ଓ ସାଂସଦ ଉପସ୍ଥିତ ଥିଲେ । ବୈଠକରେ ରାଜ୍ୟସଭା ମତଦାନ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ପ୍ରଶିକ୍ଷଣ ପରେ ବିଧାୟକମାନେ ପାରାଦ୍ୱୀପ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ରାଜ୍ୟସଭା ନିର୍ବାଚନପାଇଁ ଆଜି ବିଧାନସଭା ସଚିବାଳୟ ପରିସରରେ ମକ୍‌ପୋଲିଂ କରାଯାଇଛି । ଆସନ୍ତା ସୋମବାର ଦିନ ରାଜ୍ୟସଭା ନିର୍ବାଚନପାଇଁ ଭୋଟ୍‌ଗ୍ରହଣ କରାଯିବ । ଓଡ଼ିଶାପାଇଁ ରାଜ୍ୟସଭା ପର୍ଯ୍ୟବେକ୍ଷକ

ଚନ୍ଦ୍ରଶେଖର ବାଓ୍ୱନକୁଲେ, ରାଜ୍ୟ ସଭାପତି ଓ ବିଧାୟକମାନଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି ।

***Desk, Gajapati, Nabarangpur, Cuttack, Rayagada, Boudh, Ganjam, Malkangiri/R***

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେ ହାଇକୋର୍ଟ ସମେତ ୧୩ଟି ଜିଲ୍ଲାକୋର୍ଟ ଓ ତାଲୁକସ୍ତରୀୟ ଅଦାଲତରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ।

ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଲୋକ ଅଦାଲତରେ ଉଚ୍ଚ ନ୍ୟାୟାଳୟର ୧୩ଟି କୋର୍ଟରେ ମାମଲାର ଶୁଣାଣି କରାଯାଇଛି । ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନ୍, ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ ରଞ୍ଜନ ପାଠକ, ଆଇନସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ୍ କୃଷ୍ଣାରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ହାଇକୋର୍ଟସ୍ତରୀୟ ଲୋକ ଅଦାଲତରେ ୧୫୬ଟି ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବାବଦରେ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୬୨ ଟଙ୍କା ଆଦାୟପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ଆର୍. ଉଦୟଗିରି, ମୋହନା ଓ କାଶୀନଗର ଗ୍ରାମ ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୋଟ୍ ୮ ଲକ୍ଷ ୪୨ ହଜାର ୪୨୫ ଟଙ୍କା ଆଦାୟ କରାଯାଇଥିଲା ।

ନବରଙ୍ଗପୁର ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା କରାଯାଇ ମୋଟ୍ ୨ କୋଟି ୪୨ ଲକ୍ଷ ୪୦ ହଜାର ୯୮୬ ଟଙ୍କା ଆଦାୟ କରାଯାଇଛି ।

ରାୟଗଡ଼ା ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ୪୦ ହଜାର ୧୧୨ଟି ମାମଲାର ସମାଧାନ କରାଯାଇ ୪୭ ଲକ୍ଷ ୮୮ ହଜାର ୬୮୧ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି ।

ବୌଦ୍ଧ ଜିଲ୍ଲାରେ ମୋଟ୍ ୮୪୧ଟି ମାମଲାର ଶୁଣାଣି କରାଯାଇ ୬୨ ଲକ୍ଷ ୪୬ ହଜାର ୨୯୫ ଟଙ୍କା ଆଦାୟ କରାଯାଇଛି ।

ଗଞ୍ଜାମ ଜିଲ୍ଲା ଛତ୍ରପୁର କୋର୍ଟରେ ଆୟୋଜିତ ଲୋକ ଅଦାଲତରେ ୭୩ଟି ମାମଲାର ଶୁଣାଣି କରାଯାଇ ଜରିମାନା ବାବଦରେ ମୋଟ୍ ୧ କୋଟି ୧୩ ଲକ୍ଷ ୨୦ ହଜାର ୯୩୧ ଟଙ୍କା ଆଦାୟ କରାଯାଇଛି ।

ମାଲକାନଗିରି ଜିଲ୍ଲାରେ ୭ ହଜାର ୭୨୩ଟି ମାମଲାର ସମାଧାନ କରାଯାଇ ୬୮ ଲକ୍ଷ ୬୧ ହଜାର ୮୫ ଟଙ୍କା ଆଦାୟ କରାଯାଇଛି ।

***Desk***

# ଅପରେସନ୍ ସାଇବର କବଚ

ରାଜ୍ୟରେ ସାଇବର ସଚେତନତା ନେଇ ଆଗାମୀ ଦିନରେ ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.

ଖୁରାନିଆ କହିଛନ୍ତି । ଶ୍ରୀ ଖୁରାନିଆ କହିଛନ୍ତି, ଅପରେସନ୍ ସାଇବର କବଚ ଅଧୀନରେ ବର୍ତ୍ତମାନ ସୁଦ୍ଧା ୩୭ ହଜାର ୯୪ଟି ବେନାମୀ ଆକାଉଣ୍ଟର ଯାଞ୍ଚ୍ ସହିତ ୩୬୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହା ସହିତ ୭ ହଜାର ୨୭୬ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ନୋଟିସ୍ ଜାରି କରାଯାଇଛି । ଜାଲ୍ ଆକାଉଣ୍ଟ୍ ମାଧ୍ୟମରେ ଠକେଇ କଲେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି ।

***Voice (Khurania)*** :.......

***Puri/R***

# ଶ୍ରୀମନ୍ଦିର - ସମୀକ୍ଷା ବୈଠକ

ପୁରୀରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ - ଓ.ବି.ସି.ସି. ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ତି । ଶ୍ରୀ ପାଢ଼ୀ ଶ୍ରୀମନ୍ଦିର ଏବଂ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରିଥିଲେ । ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ବଲ୍ଲଭ ଘର, ଟୁଣିଆ ମହଲ ଏବଂ ରୋଷଘର ଆନେକ୍ସି ନିର୍ମାଣ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଆସନ୍ତା ଘୋଷଯାତ୍ରା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସମସ୍ତ ନୂତନ ନିର୍ମାଣ କାର୍ଯ୍ୟ ପାରମ୍ପରିକ କଳିଙ୍ଗ ଶୈଳୀର ସ୍ଥାପତ୍ୟ କଳା ଅନୁସାରେ କରାଯିବାକୁ ଉପସ୍ଥିତ

ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ବୈଠକରେ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ ରହଣିସ୍ଥଳୀ ଏବଂ ବାଶେଳୀ ସାହି ଧର୍ମଶାଳାର ବକେୟା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପଗୁଡ଼ିକର ସମୟୋପଯୋଗୀ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି । ଆସନ୍ତା ସପ୍ତାହରେ ଗଜପତି ମହାରାଜ ଏବଂ ଅନ୍ୟାନ୍ୟ ବୈଷୟିକ କମିଟି ସଦସ୍ୟମାନେ ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିବେ । ବୈଠକରେ ଓ.ବି.ସି.ସି.ର ପରିଚାଳନା ନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

***Desk***

## ରଥଯାତ୍ରା ପ୍ରସ୍ତୁତି

ବିଶ୍ୱପ୍ରସିଦ୍ଧ ଆଗାମୀ ପୁରୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଏବଂ ସୁରୁଖୁରୁରେ ସମାପନ କରିବାପାଇଁ ବରିଷ୍ଠ ପୁଲିସ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ପୁଲିସ୍ ମୁଖ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ରଥଯାତ୍ରା ସମୟରେ ଆଇନଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ମନ୍ଦିର ଭିତର ଓ ବାହାର ବ୍ୟବସ୍ଥାର ତଦାରଖ କରିବେ ବୋଲି ଜଣାପଡ଼ିଛି । ଗତକାଲି  ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସମ୍ପର୍କିତ ପ୍ରଥମ ପ୍ରସ୍ତୁତି

ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

***Keojhar/R***

# ପି.ଏମ୍. କିଷାନନିଧି

କେନ୍ଦୁଝର ଜିଲ୍ଲା ଜୁଡ଼ିଆସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ପି.ଏମ୍. କିଷାନ ଉତ୍ସବର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମୋଟ୍ ୧ ଲକ୍ଷ ୮୦ ହଜାର ୫୭୪ ଜଣ ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାକୁ ସିଧାସଳଖ ଭାବେ ମୋଟ୍ ୩୬ କୋଟି ୧୧ ଲକ୍ଷ ୪୮ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ।

***Deogarh/R***

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦେବଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରିଆମାଳ ବ୍ଲକ୍‌ରେ ଭୀମଭୋଇ ଭିନ୍ନକ୍ଷମ ସାମାର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୩୪ ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବଣ୍ଟନ କରିଥିଲେ ।

***Desk***

# ଓଡ଼ିଶା ପର୍ବ

ନୂଆଦିଲ୍ଲୀସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ଠାରେ ଗତକାଲିଠାରୁ "ଓଡ଼ିଶା ପର୍ବ-୨୦୨୬" ଆରମ୍ଭ ହୋଇଛି । ଏହି ପର୍ବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରସ୍ତୁତ କରିବାର ଏକ ଅନନ୍ୟ ଅବସର ସୃଷ୍ଟି କରିଛି । ଏହି ପର୍ବରେ ବହୁ ପ୍ରତିଷ୍ଠିତ କଳାକାରଓଡ଼ିଶାର ପାରମ୍ପରିକ ସଙ୍ଗୀତ, ନୃତ୍ୟ ଏବଂ ଜୀବନ୍ତ ଐତିହ୍ୟ ପରିବେଷଣ କରୁଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦେଶ ବିଦେଶରୁ ବହୁ ଦର୍ଶକଙ୍କର ସମାଗମ ହେଉଛି । ଏହି ପର୍ବ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ । ପଥରଖୋଦେଇ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ କାର୍ଯ୍ୟକ୍ରମରେ ଯୋଗଦେଛନ୍ତି ।

******